بسم الله الرحمٰن الرحیم

**ଖୁତ୍‌ବା ଜୁମା ୧ ଜୁଲାଇ ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ଟେଲ୍‌ଫୋର୍ଡ ୟୁ.କେ**

**ପବିତ୍ର କୁରଆନ କରୀମର ଶିକ୍ଷାନୁଯାୟୀ ସମସ୍ତ ଚମତ୍କାର ଅଲ୍ଲାଃତାଲାଙ୍କ ତରଫରୁ ହିଁ ପ୍ରକାଶ ପାଇଥାଏ ଏବଂ ତହିଁରେ କୌଣସି ବ୍ୟକ୍ତି ବିଶେଷର ନିମିତ ମାତ୍ର ହସ୍ତକ୍ଷେପ ତଥା ଦଖଲ ନଥାଏ ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଦାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ; ସତ୍ୟବାଦୀ ହ. ଅବୁ ବକର ର.ଅଙ୍କ କାଳରେ ଧର୍ମଦ୍ରୋହୀ ବିଦ୍ରୋହୀମାନଙ୍କ ବିରୁଦ୍ଧରେ ଅଭିଯାନର ଚର୍ଚ୍ଚା କ୍ରମରେ ନବମ ଅଭିଯାନ ସଂପର୍କରେ କହିଲେ:

ହ. ଅଲା ବିନ୍ ହଜ୍‌ରମୀ ର.ଅ ହ. ଜାରୁଦ୍ ର.ଅଙ୍କୁ ଆଦେଶ ଦେଇ କହିଲେ, ତୁମେ ଅବଦୁଲ୍ କୈସ୍ ସଂପ୍ରଦାୟକୁ ଧରି ହୁତମ୍ ବିରୁଦ୍ଧରେ ହିଜର୍ ସଂଲଗ୍ନିତ ଅଞ୍ଚଳକୁ ଯାଇ ଶିବିର ସ୍ଥାପନ କର । ହ. ଜାରୁଦ୍ ର.ଅ ସୈନ୍ୟ ସହିତ ହୁତମ୍ ବିରୁଦ୍ଧରେ ଉକ୍ତ ଅଞ୍ଚଳକୁ ଆସିଲେ । ସହରବାସୀଙ୍କ ବ୍ୟତୀତ ସମସ୍ତ ଅବିଶ୍ୱାସକାରୀ ହୁତମ୍ ନିକଟରେ ଏକତ୍ରିତ ହୋଇଗଲେ, ଏହିପରି ଭାବରେ ସମସ୍ତ ମୁସଲମାନମାନେ ହ. ଅଲା ବିନ୍ ହଜ୍ରମି ନିକଟରେ ଏକତ୍ରିତ ହୋଇଗଲେ । ଉଭୟ ପକ୍ଷ ନିଜ ନିଜ ସମ୍ମୁଖରେ ଏକ ଗର୍ତ୍ତ ଖୋଳିନେଲେ, ସେମାନେ ଦୈନିକ ନିଜ ଗର୍ତ୍ତକୁ ଅତିକ୍ରମ କରି ଶତ୍ରୁ ଉପରକୁ ଆକ୍ରମଣ କରୁଥିଲେ ଓ ଯୁଦ୍ଧ ପରେ ପୁନର୍ବାର ଗର୍ତ୍ତ ପଛକୁ ଘୁଞ୍ଚି ଆସୁଥିଲେ ।

ଏକ ମାସ ପର୍ଯ୍ୟନ୍ତ ଏହିଭଳି ଯୁଦ୍ଧ ପରିସ୍ଥିତି ଲାଗି ରହିଲା । ସେହି ସମୟରେ ଏକଦା ରାତ୍ର ସମୟରେ ମୁସଲମାନମାନଙ୍କୁ ଶତ୍ରୁର ଶିବିରରୁ ଭୀଷଣ କୋଳାହଳ ଶୁଭିଲା, ହ. ଅଲା ର.ଅ କହିଲେ ! କେହି ଏଭଳି ବ୍ୟକ୍ତି ରହିଛି ଯିଏ ଶତ୍ରୁ ପକ୍ଷର ପ୍ରକୃତ ଅବସ୍ଥାର ସୂଚନା ଆଣି ମୋତେ ଦେଇପାରିବ ? ହ. ଅବଦୁଲ୍ଲାଃ ବିନ୍ ହଜଫ୍ କହିଲେ ! ମୁଁ ଏହି କାର୍ଯ୍ୟ ପାଇଁ ଯିବି ଏବଂ ସେ ଫେରିଆସି ଏହି ସୂଚନା ଦେଲେ ଯେ ଆମର ପ୍ରତିଦ୍ୱନ୍ଦ୍ୱୀ ନିଶାସକ୍ତ ଅବସ୍ଥାରେ ରହିଛି ଏବଂ ବୃଥା ବିନାଶମୂଳକ କଥାବାର୍ତ୍ତା କରୁଛି । ଏହି ସମସ୍ତ କୋଳାହଳ ହେଉଛି ତା'ରି । ମୁସଲମାନମାନେ ଯେତେବେଳେ ଏହି କଥା ଶୁଣିଲେ ସେତେବେଳେ ସେମାନେ ଆକସ୍ମିକ ଶତ୍ରୁ ଉପରେ ଆକ୍ରମଣ କରିଦେଲେ । ମୁସଲମାନମାନେ ଶତ୍ରୁ ପକ୍ଷର ଶିବିର ମଧ୍ୟରେ ଧସେଇ ପଶି ସମସ୍ତଙ୍କୁ ବଧ କରିବା ଆରମ୍ଭ କରିଦେଲେ । ସେମାନେ ନିଜର ଶିବିର ଆଡ଼କୁ ପଳାୟନ କଲେ, ସେମାନଙ୍କ ମଧ୍ୟରୁ ଅନେକ ଗର୍ତ୍ତ ମଧ୍ୟରେ ଖସିପଡ଼ି ମୃତ୍ୟୁବରଣ କଲେ, ସେମାନଙ୍କୁ ମଧ୍ୟରୁ ଅନେକ ଲୋକ ବର୍ତ୍ତିଗଲେ, ଅନେକ ଭୟଭୀତ ହୋଇଗଲେ, ସେହିପରି କେତେକ ସୈନ୍ୟ ନିହତ ମଧ୍ୟ ହେଲେ ଅବା ଶତାଧିକ ବନ୍ଦୀ ମଧ୍ୟ ହେଲେ । ମୁସଲମାନମାନେ ଶତ୍ରୁ ପକ୍ଷଙ୍କ ଦ୍ୱାରା ସ୍ଥାପିତ ଶିବିରରେ ଥିବା ପ୍ରତ୍ୟେକ ବସ୍ତୁ ଉପରେ ଅଧିକାର

ସାବ୍ୟସ୍ତ କରିନେଲେ, ଯେଉଁ ବ୍ୟକ୍ତି ଖସି ପଳାଇଲା ସେ କେବଳ ସେହି ବସ୍ତୁକୁ ଧରି ଖସି ପଳାଇବାରେ ସକ୍ଷମ ହୋଇ ପାରିଲା ଯାହାକି ତା' ଶରୀର ଉପରେ ଥିଲା । କିନ୍ତୁ ଅବଜର୍ ଜୀବନ ନେଇ ପ୍ରାଣ ବିକଳରେ ଖସି ପଳାଇଲା ।

ହୁତମର ଭୟ ଓ ଆତଙ୍କର ଏଭଳି ଭୟାବହପୂର୍ଣ୍ଣ ଅବସ୍ଥା ରହିଥିଲା ଯେପରିକି ତା' ଶରୀରରେ ପ୍ରାଣ ନଥିଲା, ସେ ନିଜ ଅଶ୍ୱ ଆଡ଼କୁ ଅଗ୍ରସର ହେଲା । ଅପର ପକ୍ଷରେ ମୁସଲମାନମାନେ ଅବିଶ୍ୱାସକାରୀଙ୍କ ମଧ୍ୟ ଭାଗ ପର୍ଯ୍ୟନ୍ତ ଆସି ସାରିଥିଲେ । ନିଜର ଅବଚେତନ ଅବସ୍ଥାରେ ହୁତମ ସ୍ୱୟଂ ମୁସଲମାନମାନଙ୍କ ଠାରୁ ପଳାୟନ କରି ନିଜ ଅଶ୍ୱ ଉପରେ ଆରୋହଣ ହେବା ପାଇଁ ଯିବାକୁ ଲାଗିଲା, ଯେଉଁ କ୍ଷଣ ସେ ଅଶ୍ୱର ରେକାବ୍ (ବସିବା ଆସନ)ରେ ପାଦ ରଖିଲା ତାହା ଛିଡ଼ିଗଲା । ହ. କୈସ୍ ବିନ୍ ଆସିମ୍ ତା'କୁ ନର୍କ ପର୍ଯ୍ୟନ୍ତ ପହଞ୍ଚାଇ ଥିଲେ । ଅବିଶ୍ୱାସକାରୀଙ୍କ ଶିବିରର ପ୍ରତ୍ୟେକଟି ବସ୍ତୁ ଉପରେ ଅଧିକାର କରିବା ପରେ ପ୍ରାତଃ ସମୟରେ ହ. ଅଲା ର.ଅ ମାଲେ ଗନିମତ୍ ମୁଜାହିଦିନ୍ (ଜିହାଦକାରୀ)ଙ୍କ ମଧ୍ୟରେ ବାଣ୍ଟି ଦେଲେ ଏବଂ ଏଭଳି ଲୋକମାନଙ୍କୁ ଯେଉଁମାନେ ରଣଭୂମିରେ ସାହସିକତା ପ୍ରଦର୍ଶନ କରିଥିଲେ ସେମାନଙ୍କୁ ମୃତକ ସର୍ଦ୍ଦାରମାନଙ୍କର ମୂଲ୍ୟବାନ ବସ୍ତ୍ର ମଧ୍ୟ ପ୍ରଦାନ କଲେ । ସେହି ଲୋକମାନେ ହେଲେ – ହ. ଅଫିଫ୍ ବିନ୍ ମୁନଜର୍, ହ. କୈସ୍ ବିନ୍ ଆସିମ୍ ଓ ହ. ସମାମା ବିନ୍ ଉସାଲ୍ ।

ହ. ସମାମା ର.ଅଙ୍କୁ ଯେଉଁ ବସ୍ତ୍ର ପ୍ରଦାନ କରାଯାଇଥିଲା ତନ୍ମଧ୍ୟରେ ହୁତମ୍‌ର ଗୋଟିଏ କଳା ରଙ୍ଗର ମୂଲ୍ୟବାନ ପୋଷାକ ଯେଉଁଥିରେ ବିଶେଷ କାରୁକାର୍ଯ୍ୟ ହୋଇଥିଲା, ତାହାକୁ ପିନ୍ଧି ସେ ଅତ୍ୟନ୍ତ ଗର୍ବ ଭଙ୍ଗୀ ଚାଲୁଥିଲେ । ଉକ୍ତ ଅଭିଯାନର ସଫଳତା ହ. ଅବୁ ବକର ର.ଅଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା ।

ହିଜର୍ ଓ ତା'ର ଉପନଗର ଉପରେ ହ. ଅଲା ର.ଅ ଅଧିକାର କଲେ । କିନ୍ତୁ ଅନେକ ଲୋକ ସ୍ଥାନୀୟ ନୂତନ ଇରାନୀୟ ସରକାର ବିରୋଧୀ ରହିଥିଲେ, ସେମାନେ ଅନେକ ସମୟରେ ଏହି ଖବର ପ୍ରଚାରି କରି ଲୋକମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି କରି ଥାଆନ୍ତେ । ଅର୍ଥାତ ଯେକୌଣସି ମୁହୂର୍ତ୍ତରେ ହିଜର ଠାରେ ମଦିନା ସରକାରଙ୍କ କ୍ଷମତାକୁ ଓଲଟାଇ ଦିଆଯିବ, ମଫ୍‌ରକ୍ ଶେବାନୀ ନିଜର ସଂପ୍ରଦାୟ ତଗ୍‌ଲବ୍ ଓ ନମିର୍‌ର ସୈନ୍ୟ ନେଇ ଚାଲି ଆସୁଛି । ଏକଥା ଜଣା ପଡ଼ିବା ପରେ ହ. ଅବୁ ବକର ର.ଅ ଅଲା ର.ଅଙ୍କୁ ପତ୍ର ଲେଖିଲେ, ଅନୁସନ୍ଧାନ କରିବାରୁ ଏହା ଜ୍ଞାତ ହେଲା ଯେ ବନୁ ଶୈବାନ୍ ବିନ୍ ସାଆଲ୍‌ବା ତୁମ ଉପରେ ଆକ୍ରମଣ କରିବ ଏବଂ ଉପଦ୍ରବୀମୂଳକ ଘଟଣା ଏହି ସମ୍ବାଦ ପ୍ରଚାରିତ କରୁଛି । ତେବେ ଏହାର ଦମନ ତଥା ଶିରୋଚ୍ଛେଦ ପାଇଁ ଏକ ସୈନ୍ୟଦଳ ପ୍ରେରଣ କଲେ, ସେମାନଙ୍କୁ ଦଳିଦେବା ଏବଂ ସେମାନଙ୍କ ପଛ ଭାଗରେ ଥିବା ସଂପ୍ରଦାୟକୁ ଏଭଳି ଭୟ ତ୍ରସ୍ତ କରିଦେବ ଯେ ସେମାନେ ଆଉ କେବେ ମୁଣ୍ଡ ଟେକି ଛିଡ଼ା ହେବା ପାଇଁ ସାହାସ କରିବେ ନାହିଁ । ଧର୍ମଦ୍ରୋହୀମାନେ ଦାରେନ୍ (ଦୁଇ ନଗରୀ) ପାରସ୍ୟ ଉପସାଗରରେ ଏକତ୍ରିତ ହୋଇଗଲେ, ହ. ଅଲା ର.ଅଙ୍କ ଠାରୁ ପରାଜୟ ସ୍ୱୀକାର କରିବା ପରେ ପରାଜିତ ବିଦ୍ରୋହୀମାନଙ୍କର ଏକ ବୃହତାଂଶ ନୌକାରେ ବସି ଦାରେନ୍ ଠାକୁ ଚାଲିଗଲା ଏବଂ ଅନ୍ୟ ଲୋକମାନେ ନିଜ ନିଜ ସଂପ୍ରଦାୟସ୍ଥ ଅଞ୍ଚଳକୁ ଫେରିଗଲେ ।

ବାହାରେନରେ ଉପଦ୍ରବର ନିଆଁକୁ ପ୍ରଶମିତ କରିବାରେ ହ. ମୁସନା ବିନ୍ ହାରିସାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସେମାନେ ନିଜ ସୈନ୍ୟବାହିନୀ ସହିତ ହ. ଅଲା ବିନ୍ ହଜ୍ରମିଙ୍କୁ ସମର୍ଥନ ଜଣାଇଥିଲେ ଏବଂ ବାହାରେନରୁ ଉତ୍ତର ଦିଗ ଅଭିମୁଖେ ଗତି କରି କତିଫ୍ ଏବଂ ହିଜର୍ ଆଦି ସ୍ଥାନ ଅଧିକାର କରିଥିଲେ ।

ସେ ନିଜର ଏହି ମିଶନରେ ନିମଜ୍ଜିତ ଥିଲେ ଏପର୍ଯ୍ୟନ୍ତକି ପାରସ୍ୟ ସୈନ୍ୟ ଓ ସେମାନଙ୍କର କର୍ମକର୍ତ୍ତାଙ୍କ ଉପରେ ଜୟଲାଭ କଲେ, ଯେଉଁମାନେ ବିଦ୍ରୋହୀ ବାହାରେନବାସୀଙ୍କୁ ସାହାଯ୍ୟ କରିଥିଲେ । ହ. ଅଲା ର.ଅ ବର୍ତ୍ତମାନ ସୁଦ୍ଧା ଅବିଶ୍ୱାସକାରୀଙ୍କ ସୈନ୍ୟ ଶିବିର ମଧ୍ୟରେ ଅବସ୍ଥାନ କରିଥିଲେ । ତାଙ୍କୁ ବନୁ ବକର ବିନ୍ ୱାଏଲଙ୍କ ଆଡ଼କୁ ଉଲ୍ଲିଖିତ ପତ୍ରର ଉତ୍ତରରେ ଆଶାନୁରୂପ ଅଭିପ୍ରେତମୂଳକ ଉତ୍ତର ମିଳିଗଲା । ଅର୍ଥାତ ସେ ମୁସଲମାନ ଅଟନ୍ତି, ବିଦ୍ରୋହ କରୁ ନାହାନ୍ତି ଏବଂ ଯୁଦ୍ଧ ମଧ୍ୟ କରିବେ ନାହିଁ । ସେହିପରି ତାଙ୍କୁ ଏହି ବିଶ୍ୱାସ ହୋଇଗଲା ଯେ ତାଙ୍କ ଯିବା ପରେ ତାଙ୍କ ପଛରେ ବାହାରେନବାସୀଙ୍କ ମଧ୍ୟରୁ କାହା ସହିତ କୌଣସି ଅପ୍ରୀତିକର ଘଟଣାର ସମ୍ମୁଖୀନ ହେବକୁ ପଡ଼ିବ ନାହିଁ । ତେଣୁ ସେ ସମସ୍ତ ମୁସଲମାନମାନଙ୍କୁ ଦାରେନ୍ ଅଭିମୁଖେ ଅଗ୍ରସର ହେବା ପାଇଁ ନିମନ୍ତ୍ରିତ କଲେ ।

ବର୍ଣ୍ଣନା କରାଯାଏ ଯେ, ମୁସଲମାନମାନଙ୍କ ନିକଟରେ ନୌକା ନଥିଲା ଯାହା ଉପରେ ବସି ସେମାନେ ଉପଦ୍ୱୀପ ପର୍ଯ୍ୟନ୍ତ ପହଞ୍ଚି ପାରିବେ । ଏହା ଦେଖି ହ. ଅଲା ବିନ୍ ହଜ୍ରମି ଛିଡ଼ା ହେଲେ ଏବଂ ଲୋକମାନଙ୍କୁ ଏକତ୍ରିତ କରି ସେମାନଙ୍କ ସମ୍ମୁଖରେ ଭାଷଣ ଦେଇ କହିଲେ : ଅଲ୍ଲାଃତାଲା ତୁମ ସକାଶେ ଶୈତାନମାନଙ୍କର ଗୋଷ୍ଠୀଙ୍କୁ ଏକତ୍ରିତ କରି ଦେଇଛନ୍ତି ଏବଂ ଯୁଦ୍ଧକୁ ସମୁଦ୍ର ମଧ୍ୟକୁ ଠେଲି ଦେଇଛନ୍ତି । ଅଲ୍ଲାଃତାଲା ତୁମମାନଙ୍କୁ ପୂର୍ବେ ଶୁଷ୍କ ସ୍ଥଳଭାଗରେ ନିଜର ନିଦର୍ଶନ ଦେଖାଇ ସାରିଛନ୍ତି । ବର୍ତ୍ତମାନ ସେହିପରି ଏହି ନିଦର୍ଶନ ମାଧ୍ୟମରେ ସମୁଦ୍ରରେ ମଧ୍ୟ ତୁମେମାନେ କିଛି ଶିକ୍ଷା ହାସଲ କର । ତେଣୁ ତୁମେ ଶତ୍ରୁ ଅଭିମୁଖେ ଚାଲ, ସମୁଦ୍ର ବକ୍ଷକୁ ବିଦୀର୍ଣ୍ଣ କରି ତା' ଆଡ଼କୁ ଅଗ୍ରସର ହୁଅ । କାରଣ ଅଲ୍ଲାଃତାଲା ସେମାନଙ୍କୁ ତୁମମାନଙ୍କ ସକାଶେ ଏକତ୍ରିତ କରି ଦେଇଛନ୍ତି । ସମସ୍ତ ମୁସଲମାନମାନେ ଏକ ସ୍ୱରରେ ଉତ୍ତର ଦେଲେ ! ଆମେମାନେ ଈଶ୍ୱରଙ୍କ ଶପଥ କରି କହୁଛୁ ଆମେମାନେ ଏହିପରି ହିଁ କରିବୁ ଏବଂ ଦୁହନା ଉପତ୍ୟକାର ଚମତ୍କାର ଅବଲୋକନ କରି ସାରିବା ପରେ ଆମେମାନେ ସମସ୍ତେ ଯେପର୍ଯ୍ୟନ୍ତ ଜୀବିତ ଥିବୁ ସେପର୍ଯ୍ୟନ୍ତ ସେମାନଙ୍କ ଠାରୁ ଭୟଭୀତ ହେବୁ ନାହିଁ।

ଅଲ୍ଲାଃତାଲାଙ୍କର ଚମତ୍କାର ଏପରି ହେଲା ଯେ ହ. ଅଲା ଓ ସମସ୍ତ ମୁସଲମାନମାନେ ସେହି ସ୍ଥାନରୁ ଚାଲି ସମୁଦ୍ରର ତଟବର୍ତ୍ତୀ ମାର୍ଗ ମଧ୍ୟ ଦେଇ ଆସିଲେ । ସେହିପରି ସେମାନେ ଅଲ୍ଲାଃତାଲାଙ୍କ ନିକଟରେ ଏହି ଦୁଆ କରୁଥିଲେ ଯେ **ୟା ଅରହମୁର୍ ରାହେମିନ୍, ୟା କରିମ୍, ୟା ହଲିମ୍, ୟା ଅହଦ୍, ୟା ସମଦ୍, ୟା ହଇୟୁ, ୟା ମୁହ୍ଇଲ୍ ମୌତା, ୟା ହଇୟୁ ୟା କୟ୍ୟୁମୁ ଲା ଇଲାହା ଇଲ୍ଲା ଅନ୍ତା ୟା ରବ୍ବନା ।** ହ. ଅଲା ର.ଅ ଏହି ଦୁଆ କରି ସୈନ୍ୟଦଳର ସମସ୍ତ ବ୍ୟକ୍ତିଙ୍କୁ ସମୁଦ୍ର ମଧ୍ୟରେ ନିଜର ବାହନରୁ ପ୍ରବେଶ କରାଇବା ପାଇଁ ନିର୍ଦ୍ଦେଶ ଦେଲେ । ସମସ୍ତ ସୈନ୍ୟମାନେ ଏହିପରି ହିଁ କଲେ ଏବଂ ସେମାନେ ଏହି ଉପସାଗରକୁ ବିନା କୌଣସି କ୍ଷୟକ୍ଷତିରେ ପାରି କରିନେଲେ ।

ହୁଜୁର ଅନୱର୍ ଅ.ବ କହିଲେ : ଦାରେନ୍ ଠାରେ ପହଞ୍ଚି ଉଭୟ ପକ୍ଷ ମଧ୍ୟରେ ଅତ୍ୟନ୍ତ ରକ୍ତାକ୍ତମୟ ସଂଘର୍ଷ ହେଲା ଏବଂ ସମସ୍ତ ବିଦ୍ରୋହୀମାନେ ନିହତ ହେଲେ ଓ କୌଣସି ସନ୍ଦେଶବାହକ ମଧ୍ୟ ଜୀବିତ ରହିଲେ ନାହିଁ । ମୁସଲମାନମାନେ ଶତ୍ରୁ ପକ୍ଷର ପରିବାରବର୍ଗଙ୍କୁ ନିଜର ଦାସୀ ଏବଂ ଭୃତ୍ୟ କରିନେଲେ । ତତସହିତ ମୁସଲମାନମାନେ ସେମାନଙ୍କର ଧନସମ୍ପତ୍ତି ଉପରେ ମଧ୍ୟ ଅଧିକାର କରିନେଲେ, ପ୍ରତ୍ୟେକ ଅଶ୍ୱାରୋହୀଙ୍କୁ ୬୦୦୦ ଲେଖାଁଏ ଏବଂ ପଦାତିକମାନଙ୍କୁ ୨୦୦୦ ଲେଖାଁଏ ଦିର୍‌ହମ୍ ମାଲେ ଗନିମତରୁ ପ୍ରଦାନ କରାଗଲା ।

ହ. ଅବୁ ବକର ର.ଅଙ୍କ ଦଶମ ଅଭିଯାନ, ହ. ଅବୁ ବକର ର.ଅ ହ. ସୁୱୈଦ୍ ବିନ୍ ମୁକର୍ରିନଙ୍କୁ ବିଦ୍ରୋହୀମାନଙ୍କ ଦମନ ସକାଶେ ତହାମା ଓ ୟମନ୍ ଅଭିମୁଖେ ପ୍ରେରଣ କରିଥିଲେ । ହ. ସୁୱୈଦ୍ ବିନ୍ ମୁକର୍ରିନ୍ ୫ ହିଜରୀରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ତହାମାବାସୀଙ୍କ ଧର୍ମଦ୍ରୋହୀତା ଓ ବିଦ୍ରୋହମୂଳକ ପରିସ୍ଥିତି ତଥା ଘଟଣାର ସବିଶେଷ ବିବରଣୀ ସଂକ୍ରାନ୍ତରେ ଜଣେ ଲେଖକ ଉଲ୍ଲେଖ କରିଛନ୍ତି ଯେ, ତାହାମା ଠାରେ ବିଦ୍ରୋହକୁ ଦମନ ଏବଂ ପ୍ରତିହତ କରିବାରେ ସର୍ବାଗ୍ରେ ତାହିର୍ ବିନ୍ ଅବି ହାଲା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । କାରଣ ସେ ଆଁହଜରତ ସ.ଅଙ୍କ ପକ୍ଷରୁ ତାହାମା ଭୂଖଣ୍ଡର ଶାସକ ଥିଲେ । ପୁନଶ୍ଚ ହ. ଅବୁ ବକର ର.ଅ ବାସ କରୁଥିବା କର୍ମକର୍ତ୍ତା ଏବଂ ସକାସକ୍ (ହଜ୍‌ରେ ମୌତ) ଉକାଶା ବିନ୍ ସୋର୍‌ଙ୍କୁ ଆଦେଶ ଦେଲେ ଯେ ସେ ତାହାମା ଠାରେ ଆସି ଅବସ୍ଥାନ କରନ୍ତୁ ଏବଂ ନିଜ ନିକଟରେ ତା'ର ବାସୀନ୍ଦାଙ୍କୁ  ଏକତ୍ରିତ କରି ଆଦେଶ ପ୍ରାପ୍ତ ହେବାର ଅପେକ୍ଷା କରନ୍ତୁ । ହ. ଅବୁ ବକର ର.ଅ ବଜିଲା ନାମକ ସଂପ୍ରଦାୟ ନିକଟରେ ଜରିର୍ ବିନ୍ ଅବ୍‌ଦୁଲ୍ଲାଃ ବଜ୍‌ଲୀଙ୍କୁ ପୁନର୍ବାର ପ୍ରେରଣ କଲେ ଏବଂ ତାଙ୍କୁ ଆଦେଶ ଦେଲେ ଯେ ସେ ନିଜ ଧର୍ମ ଉପରେ ଅବିଚଳ ରହିଥିବା ମୁସଲମାନମାନଙ୍କୁ ଧରି ଇସ୍‌ଲାମ୍ ଧର୍ମଦ୍ରୋହୀଙ୍କ ସହିତ ଯୁଦ୍ଧ କରନ୍ତୁ ଏବଂ ପୁନଶ୍ଚ ଖଶଅମ୍ ସଂପ୍ରଦାୟ ନିକଟରେ ପହଞ୍ଚନ୍ତୁ ଓ ସେମାନଙ୍କ ମଧ୍ୟରେ ଥିବା ଧର୍ମଦ୍ରୋହୀମାନଙ୍କ ସହିତ ମୁକାବିଲା କରନ୍ତୁ । ହ. ସୁୱୈଦ୍ ର.ଅ ନିଜ ଅଭିଯାନ ପାଇଁ ବାହାରି ପଡ଼ିଲେ ଏବଂ ହ. ଅବୁ ବକର ସିଦ୍ଦିକ୍ ର.ଅଙ୍କ ଆଦେଶ ପାଳନ କଲେ, କେତେକ ବ୍ୟକ୍ତିଙ୍କୁ ଛାଡ଼ି ସେହି ସଂପ୍ରଦାୟମାନଙ୍କ ବିରୁଦ୍ଧର ଅନ୍ୟ କୌଣସି ବ୍ୟକ୍ତି ଆସିଲେ ନାହିଁ । ଅତଏବ ଆପଣ ର.ଅ ସେମାନଙ୍କର ବଧ କରିବା ସଙ୍ଗେସଙ୍ଗେ ସେମାନଙ୍କୁ ବିକ୍ଷିପ୍ତ ମଧ କରିଦେଲେ ।

ଖୁତ୍‌ବା ସାନିୟା ପୂର୍ବରୁ ହୁଜୁର ଅନୱର୍ ଅ.ବ ଏକ ହୃଦୟ ବିଦାରକ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇ ବୀରଗତି ପ୍ରାପ୍ତ କରିଥିବା ଦୁଇ ଜଣ ଖୁଦ୍ଦାମ୍ ସମ୍ମାନନୀୟ ସ୍ୱର୍ଗତ ଡ଼ିକୁ ଜକରିୟା ସାହେବ ଓ ସମ୍ମାନନୀୟ ସ୍ୱର୍ଗତ ଡ଼ିକୁ ମୁସା ସାହେବ ଅଫ୍ ଡୋରି ରିଜନ୍ ବୁର୍କିନାଫାସୋ । ସେହିପରି ଅନ୍ୟ ତିନିଜଣ ମୃତକ ସମ୍ମାନନୀୟ ସ୍ୱର୍ଗତ ୟୁସୁଫ୍ ସାହେବ ଅଫ୍ ବଲୁଚ୍ (ବସ୍ତି ସାଦିକ୍ ପୁର, ଜିଲ୍ଲା ଉମର୍‌କୋଟ୍) ସିନ୍ଧ୍, ୱାକ୍‌ଫାଏ ନୌ (ଉତ୍ସର୍ଗୀକୃତା ମହିଳା) ସମ୍ମାନନୀୟା ସ୍ୱର୍ଗତା ମୁବାରିଜା ଫାରୁକ୍ ସାହେବା ଅଫ୍ ରବ୍‌ୱା ଓ ସ୍ଥାନୀୟ ମୁଅଲ୍ଲିମ୍ ସିଲ୍‌ସିଲା ସମ୍ମାନନୀୟ ସ୍ୱର୍ଗତ ଆନିଜ୍ ୱମାନା ସାହେବ ଅଫ୍ ଆଇବ୍ରୀକୋଷ୍ଟଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ପରେ ନମାଜ ଜୁମା ପରେ ଏହି ସମସ୍ତ ମୃତକ ଓ ମୃତକାଙ୍କ ନମାଜ ଯନାଜାଃ ପଢେଇବାର ଘୋଷଣା କଲେ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

......................................

KHULASA KHUTBA JUMA HUZOOR ANWAR a.b.a

24th June 2022